# ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ (ଆଇ ୟୁ ୟୁ) ମତ୍ସ୍ୟବୃତ୍ତିର ନିଷେଧାତ୍ମକ ସୂଚନାବଳୀ



# ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ (ଆଇ ୟୁ ୟୁ) ମତ୍ସ୍ୟବୃତ୍ତିର ନିଷେଧାତ୍ମକ ସୂଚନାବଳୀ

FOOD AND AGRICULTURE ORGANIZATION OF THE UNITED NATIONS
Rome, 2002

The designations employed and the presentation of material in this information product do not imply the expression of any opinion whatsoever on the part of the Food and Agriculture Organization of the United Nations concerning the legal status of any country, territory, city or area or of its authorities or concerning the delimitation of its frontiers or boundaries.

ISBN 92-5-104760-X

All rights reserved. Reproduction and dissemination of material in this information product for educational or other non-commercial purposes are authorized without any prior written permission from the copyright holders provided the source is fully acknowledged. Reproduction or material in this information product for resale or other commercial purposes is prohibited without written permission of the copyright holders. Applications for such permission should be addressed to the Chief, Publishing Management Service, Information Division, FAO, Viale delle Terme di Caracalla, 00100 Rome, Italy or by e-mail to copyright@fao.org

©FAO 2002

'Stopping Illegal, unreported and unregulated fishing'

*Odia Translation: Dr Annada Bhusan Kar & Dr Ansuman Das*
*Translated and Printed by the Bay of Bengal Programme*
*Inter-Governmental Organisation*
*August 2020*

## ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ (ଆଇ ୟୁ ୟୁ) ମତ୍ସ୍ୟବୃତ୍ତିର ନିଷେଧାତ୍ମକ ସୂଚନାବଳୀ

ସମଗ୍ର ବିଶ୍ୱରେ ମତ୍ସ୍ୟ ଉତ୍ପାଦନ ଲୋକମାନଙ୍କ ପାଇଁ ଖାଦ୍ୟ, ରୋଜଗାର, ଆୟ ଏବଂ ଆମୋଦପ୍ରମୋଦର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଅଟେ । ଲକ୍ଷ ଲକ୍ଷ ଲୋକ ଜୀବିକା ପାଇଁ ମାଛ ଉପରେ ନିର୍ଭର କରନ୍ତି । ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ପର୍ଯ୍ୟାପ୍ତ ପରିମାଣର ମାଛ ଉପଲବ୍ଧ କରାଇବାକୁ ହେଲେ, ସମଗ୍ର ବିଶ୍ୱରେ ମତ୍ସ୍ୟବୃତ୍ତିରେ ସମ୍ପୃକ୍ତ ପ୍ରତ୍ୟେକ  ବ୍ୟକ୍ତି ମତ୍ସ୍ୟସଂରକ୍ଷଣ ଏବଂ ଏହାର ପରିଚାଳନାରେ ସାହାଯ୍ୟ କରିବା ଉଚିତ।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଏଫ ଏ ଓ) ର  ୧୭୦ ରୁ ଅଧିକ ସଦସ୍ୟ ୧୯୯୫ ମସିହାରେ 'ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଆଚରଣ ସଂହିତା' ଗ୍ରହଣ କରିଥିଲେ । ଏହି ସଂହିତା ବାଧ୍ୟତାମୂଳକ ନୁହେଁ ବରଂ ସ୍ୱେଚ୍ଛାକୃତ ଏବଂ ଏହା  ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସମ୍ପୃକ୍ତ ଥିବା ବ୍ୟକ୍ତି ସମୂହ ଙ୍କ ପାଇଁ ଉଦ୍ଦିଷ୍ଟ ।

ସଂହିତା ଗ୍ରହଣ ଏବଂ ଏତଦ୍ୱାରା ଅଗ୍ରଗତି ସତ୍ତ୍ୱେ ସମସ୍ତ ମାଛଧରା କାର୍ଯ୍ୟକଳାପ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳିତ ହେଉନାହିଁ । କେତେକ ମତ୍ସ୍ୟଜୀବୀ, ସଂହିତାରେ  ଥିବା ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ଆଇନରେ ଥିବା ନିୟମ ସମେତ ମାଛଧରା ନିୟମକୁ ମାନନ୍ତି ନାହିଁ । ଉଦାହରଣ ସ୍ୱରୂପ, କିଛି ମତ୍ସ୍ୟଜୀବୀ ମାଛଧରା ଯନ୍ତ୍ର ଏବଂ ମାଛଧରା ଅଞ୍ଚଳ ସମ୍ବନ୍ଧୀୟ ନିୟମକୁ ମାନନ୍ତି ନାହିଁ । ଏହା ଦ୍ୱାରା ସେମାନେ ଧରାଯାଇଥିବା ମାଛ (କ୍ୟାଚ୍) ର  ପଞ୍ଜି ଦେବାରେ ବିଫଳ ହୁଅନ୍ତି କିମ୍ବା ଭୁଲ୍  ପଞ୍ଜି ଦିଅନ୍ତି । ସେହି ଭଳି ଆଉ କେତେକ ମାଛଧରା ଜାହାଜ ମାଲିକ ସେମାନଙ୍କର ଜାହାଜର ପତାକା ପରିବର୍ତ୍ତନ କରନ୍ତି, ଅର୍ଥାତ୍ ମତ୍ସ୍ୟବୃତ୍ତି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ଅସମର୍ଥ କିମ୍ବା ଅନିଚ୍ଛା ପ୍ରକାଶ କରୁଥିବା ଦେଶର ପତାକା ବ୍ୟବହାର କରନ୍ତି । ଏହି ଦାୟିତ୍ୱହୀନ ମତ୍ସ୍ୟ ଉତ୍ପାଦନ  କାର୍ଯ୍ୟକଳାପ ଗୁଡିକ ସିଧାସଳଖ ମତ୍ସ୍ୟ ଉତ୍ପାଦନକୁ ସଠିକ୍ ଭାବରେ ପରିଚାଳନା କରିବାର  ପ୍ରୟାସକୁ ଦୁର୍ବଳ କରିଦିଏ ।

"ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତି" କିମ୍ବା "ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନ"- ଏହି ଶବ୍ଦ ଦାୟିତ୍ୱହୀନ କାର୍ଯ୍ୟକଳାପର ବ୍ୟାପକ ବର୍ଣ୍ଣନା କରିବାପାଇଁ ସୃଷ୍ଟି ହୋଇଛି । ଏହି ମହାନ ଉଦ୍ୟମର ପ୍ରାୟ ଦୁଇରୁ ଅଧିକବର୍ଷ ପରେ, ୨୦୦୧ ମସିହାରେ ଏଫ ଏ ଓ  ର ସଦସ୍ୟମାନେ ଏହି ସମସ୍ୟାର ସମାଧାନ ପାଇଁ ତଥା ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଏକ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ ।

ପୂର୍ବବର୍ଣ୍ଣିତ ଆଚରଣ ସଂହିତା ପରି,  ଆଇ ପି ଓ ଏ – ଆଇ ୟୁ ୟୁ  ସ୍ୱେଚ୍ଛାକୃତ ଅଟେ । ଏହା ଏକ "ଉପକରଣ ବାକ୍ସ" ଭାବରେ ଗଠିତ ହୋଇଛି - ଅର୍ଥାତ୍ ଏହା ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନ ସହିତ କାରବାର ପାଇଁ ବ୍ୟବହୃତ ବିଭିନ୍ନ ପ୍ରକାରର ଉପକରଣଗୁଡ଼ିକର ଏକ ସେଟ୍ ଅଟେ । ଉପକରଣ ବାକ୍ସରେ ଥିବା ସମସ୍ତ ଉପକରଣ ସବୁ ପରିସ୍ଥିତିରେ ବ୍ୟବହାର ପାଇଁ ଉପଯୋଗୀ ନୁହେଁ । ଉପକରଣ ଗୁଡ଼ିକର ଚୟନ ମତ୍ସ୍ୟ ଉତ୍ପାଦନର ନିର୍ଦ୍ଦିଷ୍ଟ ପରିସ୍ଥିତି ଅନୁସାରେ ବିଚାର କରାଯାଏ ।

ଏହି ପୁସ୍ତକଟିର ଉଦ୍ଦେଶ୍ୟ ହେଲା;

- ସାଧନଗୁଡ଼ିକ ସହିତ ଏଫ ଏ ଓ  ସଦସ୍ୟ ଏବଂ ଅନ୍ୟମାନଙ୍କୁ ପରିଚିତ କରିବାରେ ସାହାଯ୍ୟ କରିବା ।
- ନିର୍ଦ୍ଦିଷ୍ଟ ପରିସ୍ଥିତିରେ କେଉଁ ଉପକରଣ ବ୍ୟବହାର କରିବାକୁ ହେବ  ତାହାର ପରାମର୍ଶ ଦେବା; ଏବଂ
- ସାଧନଗୁଡ଼ିକୁ କିପରି ଫଳପ୍ରଦ ଭାବରେ ବ୍ୟବହାର କରାଯିବ ସେ ସମ୍ବନ୍ଧରେ ମାର୍ଗଦର୍ଶନ କରାଇବା ।

ଯେଉଁମାନେ ଆଇ ପି ଓ ଏ – ଆଇ ୟୁ ୟୁ ବିଷୟରେ ଅଧିକ ଜାଣିବାକୁ ଏବଂ ପାଠ୍ୟର ଏକ ନକଲ ପାଇବାକୁ ଚାହୁଁଛନ୍ତି, ସେମାନେ ଇଣ୍ଟରନେଟରେ ଏଫ ଏ ଓ (ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ)ର ମତ୍ସ୍ୟ ବିଭାଗ   ୱେବସାଇଟ୍  ପରିଦର୍ଶନ କରନ୍ତୁ । ସରକାରଙ୍କୁ ଏବଂ ଅନ୍ୟମାନଙ୍କୁ ଆଇ ପି ଓ ଏ – ଆଇ ୟୁ ୟୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବାକୁ  ଏଫ ଏ ଓ   ଅଧିନସ୍ଥ ମତ୍ସ୍ୟ ବିଭାଗ ବିସ୍ତୃତ ବୈଷୟିକ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛି ।

ଆଇ ପି ଓ ଏ – ଆଇ ୟୁ ୟୁ ସମ୍ବନ୍ଧୀୟ ୱେବସାଇଟ୍ ର  ଠିକଣା ନିମ୍ନଲିଖିତ ଅଟେ:

http://www.fao.org/DOCREP/003/X6729e/X6729e00.HTM

ଯଦି ଆପଣଙ୍କ ପାଖରେ  ଇଣ୍ଟରନେଟ ସେବା  ଉପଲବ୍ଧ ନାହିଁ, ଏକ ନକଲ ପାଇଁ ଦୟାକରି ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ: ସର୍ଭିସ ଚିଫ, ଏଫ ଆଇ ପି ଏଲ  / ମତ୍ସ୍ୟ ବିଭାଗ, ଖାଦ୍ୟ ଏବଂ କୃଷି ସଂଗଠନ, ଭିଆଲ୍ ଡେଲ୍ ଟେର୍ମେ କାରାକାଲା, 00100 ରୋମ୍, ଇଟାଲୀ । ଆପଣ ଯଦି  ଆରବୀ, ଚାଇନିଜ୍, ଇଂରାଜୀ, ଫରାସୀ କିମ୍ବା ସ୍ପାନିଶ ଭାଷାରେ ଆଇ ପି ଓ ଏ – ଆଇ ୟୁ ୟୁ  ଚାହୁଁଥାନ୍ତି ତାହେଲେ ଜଣାନ୍ତୁ ।

## ପୃଷ୍ଠଭୂମି

ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନ ଜନିତ ଭୁଲ ପ୍ରାୟ ସମସ୍ତ ପ୍ରକାରର ମତ୍ସ୍ୟବୃତ୍ତିରେ ଘଟିଥାଏ, ଏହା ମତ୍ସ୍ୟ ଉତ୍ପାଦନକୁ ସଠିକ୍ ଭାବରେ ପରିଚାଳନା କରିବାକୁ ଚେଷ୍ଟା କରୁଥିବା ଏବଂ ଖାଦ୍ୟ ଓ କର୍ମ ପାଇଁ ମତ୍ସ୍ୟ ଉତ୍ପାଦନ ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ । ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନ ଜନିତ ଭୁଲ ସମଗ୍ର ମତ୍ସ୍ୟବୃତ୍ତିକୁ ନଷ୍ଟ କରିପାରେ ।

ଯେଉଁମାନେ ଆଇ ୟୁ ୟୁ  ମତ୍ସ୍ୟବୃତ୍ତିରେ ଲିପ୍ତ ଥାନ୍ତି  ସେମାନେ ଦାୟିତ୍ୱବାନ  ନୁହନ୍ତି । ମତ୍ସ୍ୟ ନିୟମକୁ ଅଣଦେଖା କରି, ସେମାନେ ଦାୟିତ୍ୱବାନ ଅର୍ଥାତ୍ ନିୟମ ପାଳନ କରୁଥିବା ମତ୍ସ୍ୟଜୀବୀଙ୍କ ର ଅନୁଚିତ ଫାଇଦା ଉଠାଇଥାନ୍ତି ।

କେତେ ପରିମାଣରେ ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନ ହେଉଛି ତାହା କେହି  ଜାଣନ୍ତି ନାହିଁ । ଆମେ ଜାଣୁ ଯେ, ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନ, ସମୁଦାୟ ଧରାଯାଉଥିବା ମାଛ (କ୍ୟାଚ)ର ଏକ ବୃହତ ପ୍ରତିଶତ ଅଟେ । ଅସୁବିଧାର  ବିଷୟ ହେଉଛି ଯେ ବିଶ୍ୱବ୍ୟାପୀ ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନର ପରିମାଣ ବଢ଼ିବାରେ ଲାଗିଛି, ଏହାର କାରଣ ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମତ୍ସ୍ୟଭଣ୍ଡାର ର ପରିପ୍ରେକ୍ଷୀରେ, ଆଇ ୟୁ ୟୁ  ମତ୍ସ୍ୟଜୀବୀମାନେ ଅଧିକ ମାଛଧରାରେ ଅବନତି (ଅର୍ଥାତ୍ ହ୍ରାସ ପାଉଥିବା କ୍ୟାଚ୍) ସହିତ ଲଢିବା ପାଇଁ ସୃଷ୍ଟି ହେଉଥିବା କଠୋର ମତ୍ସ୍ୟ ନିୟମଗୁଡିକୁ ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି।

ଦେଶଗୁଡିକ ବ୍ୟକ୍ତିଗତ ଭାବରେ ଏବଂ ଅନ୍ୟ ଦେଶମାନଙ୍କ ସହଯୋଗରେ  ଆଇ ୟୁ ୟୁ  ର ସାମ୍ନା  କରିବା ପାଇଁ ଆଇ ପି ଓ ଏ – ଆଇ ୟୁ ୟୁ,  ଅନେକ ଉପକରଣ ପ୍ରସ୍ତୁତ କରିଅଛି । ଏହି ଉପକରଣଗୁଡ଼ିକ ମଧ୍ୟରୁ କେତେଗୁଡିଏ, ସମସ୍ତ ଦେଶର ବ୍ୟବହାର ପାଇଁ ରୂପ ଦିଆ ଯାଇଛି । ବ୍ୟବହାର ପାଇଁ ପ୍ରସ୍ତୁତ ଅନ୍ୟ ଉପକରଣଗୁଡ଼ିକ ହେଲା:

- ଫ୍ଲାଗ ଦେଶଗୁଡିକ (ଯେଉଁ ଦେଶ ମତ୍ସ୍ୟପୋତ ଗୁଡିକର ପଞ୍ଜିକରଣ କରନ୍ତି ଏବଂ ପଞ୍ଜିକୃତ ଜାହାଜରେ ସେହି ଦେଶର ପତାକା ଉତ୍ତୋଳନ ପାଇଁ  ଅନୁମତି ଦିଅନ୍ତି);
- ଉପକୂଳବର୍ତ୍ତୀ ଦେଶଗୁଡିକ (ସମୁଦ୍ର କୂଳିଆ ଦେଶଗୁଡିକ); ଏବଂ
- ବନ୍ଦର ଦେଶଗୁଡିକ (ଯେଉଁ ଦେଶ ଗୁଡିକରେ ବନ୍ଦରଗୁଡିକୁ ମତ୍ସ୍ୟପୋତ ଆସେ) ।

ଆଇ ପି ଓ ଏ – ଆଇ ୟୁ ୟୁ  ମଧ୍ଯ "ଆନ୍ତର୍ଜାତୀୟ ସହମତିରେ ବଜାର ସମ୍ବନ୍ଧୀୟ ପଦକ୍ଷେପ" ଗୁଡିକୁ ବ୍ୟବହାର କରିବାକୁ ଆହ୍ୱାନ ଦେଇଥାଏ । ଏହା ହେଉଛି  ଆଇ ୟୁ ୟୁ ମତ୍ସ୍ୟସଂଗ୍ରହକାରୀଙ୍କ ଦ୍ୱାରା ଅମଳ ହୋଇଥିବା ମାଛକୁ ବିକ୍ରୟ କିମ୍ବା ବ୍ୟବସାୟରୁ ଦୂରେଇ ରଖିବା ପାଇଁ ଗୋଟିଏ ଉପକରଣ ।

ଏହି ପୁସ୍ତକର ନିମ୍ନବିଭାଗରେ ଏହି ଉପକରଣ ଗୁଡ଼ିକ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି ।



**ରାଷ୍ଟ୍ରସମୂହର ଦାୟିତ୍ୱ**

ସମସ୍ତ ଉପକୂଳବର୍ତ୍ତୀ ଦେଶଗୁଡିକର ପ୍ରଥମ ଦାୟିତ୍ୱ  ହେଉଛି ମତ୍ସ୍ୟ ଉତ୍ପାଦନର ନିୟନ୍ତ୍ରଣ ପାଇଁ ସମ୍ପ୍ରତି ଆନ୍ତର୍ଜାତୀୟ ଦଲିଲରେ ଥିବା ନିୟମ ଅନୁସରଣ କରିବା । ଏହି ନିୟମଗୁଡ଼ିକ ମଧ୍ୟରୁ ଅନେକ ନିୟମ  ଆଚରଣ ବିଧିରେ ଅଛି । ବାକି  ନିୟମ ଗୁଡ଼ିକ ଅନ୍ୟ ସ୍ୱେଚ୍ଛାକୃତ ଦଲିଲ ଏବଂ ଅନେକ ଚୁକ୍ତିରେ (ଆଇନଗତ  ସୁଦୃଢ ଥିବା ଦେଶଗୁଡିକ ମଧ୍ୟରେ ଚୁକ୍ତିନାମା) ଦେଖାଯାଏ । ଯେଉଁ ଦେଶଗୁଡିକ ଏପର୍ଯ୍ୟନ୍ତ ଚୁକ୍ତିନାମା ସହିତ ଅନୁବନ୍ଧିତ ହେବାକୁ ରାଜି ହୋଇନାହାଁନ୍ତି, ସେମାନେ ଯଥାଶୀଘ୍ର ଏହା କରିବା ଉଚିତ । ଏହି ଚୁକ୍ତିନାମା ଗୁଡିକର ଆଦର ସମଗ୍ର ବିଶ୍ୱରେ ମତ୍ସ୍ୟଭଣ୍ଡାର ର  ସଂରକ୍ଷଣ ଏବଂ ମତ୍ସ୍ୟ ଉତ୍ପାଦନର ପରିଚାଳନାରେ ଉନ୍ନତି ଆଣିବ ।

ଅନେକ ସାମୁଦ୍ରିକ ମତ୍ସ୍ୟବୃତ୍ତି ଆଞ୍ଚଳିକ ମତ୍ସ୍ୟ ସଂଗଠନ ଦ୍ୱାରା ନିୟନ୍ତ୍ରିତ । ଯେଉଁ ଦେଶଗୁଡ଼ିକର ଜାହାଜଗୁଡିକ ଏପରି ମତ୍ସ୍ୟବୃତ୍ତିରେ ନିୟୋଜିତ ଅଛନ୍ତି, ସେମାନେ ସେହି ସଂସ୍ଥାଗୁଡ଼ିକର ସଦସ୍ୟ ହେବା ଉଚିତ କିମ୍ବା ଅତି କମରେ ସେମାନଙ୍କର ମତ୍ସ୍ୟପୋତଗୁଡିକୁ ଏପରି କରିବା ଆବଶ୍ୟକ ଯେପରିକି ସେମାନେ ସେହି ସଂସ୍ଥା ଦ୍ୱାରା ସୃଷ୍ଟି ହୋଇଥିବା ନିୟମକୁ ଖଣ୍ଡନ କରିପାରିବେ ନାହିଁ ।

ଅଗ୍ରାଧିକାର ଭିତ୍ତିରେ, ପ୍ରତ୍ୟେକ ଦେଶ ଆଇ ପି ଓ ଏ – ଆଇ ୟୁ ୟୁ ରେ ପ୍ରଯୁଜ୍ୟ ସମସ୍ତ ଉପକରଣର ବ୍ୟବହାର କରିବାକୁ ସକ୍ଷମ କି ନୁହନ୍ତି ତାହା ଜାଣିବାପାଇଁ, ଦେଶ ଗୁଡିକ ନିଜର ମତ୍ସ୍ୟ ନିୟମ ଏବଂ ପଦ୍ଧତି ଗୁଡ଼ିକୁ ସମୀକ୍ଷା କରିବା ଉଚିତ । ସମୀକ୍ଷାରେ ନିମ୍ନ ଲିଖିତ ପ୍ରଶ୍ନଗୁଡିକ ବିଚାରକୁ ନିଆଯିବା ଉଚିତ:

- ଆଇ ପି ଓ ଏ – ଆଇ ୟୁ ୟୁ  ଯାହା ସୁପାରିଶ କରେ ତାହା କରିବା ପାଇଁ କୌଣସି ଅତିରିକ୍ତ ଆଇନଗତ ପ୍ରାଧିକରଣ  ଆବଶ୍ୟକ କି ନୁହେଁ ?
- ଆଇ ୟୁ ୟୁ  ମତ୍ସ୍ୟବୃତ୍ତି  ରୋକିବା ପାଇଁ ପ୍ରଚଳିତ  ଦଣ୍ଡବିଧାନ ଗୁଡିକ ଯଥେଷ୍ଟ ଶକ୍ତିଶାଳୀ କି ?
- ଆପଣଙ୍କର ନିୟମ ଏବଂ ପଦ୍ଧତି ଆପଣଙ୍କ ମତ୍ସ୍ୟପୋତ ଗୁଡ଼ିକର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ସକ୍ଷମ କି ?
- ଯଦି ଆପଣଙ୍କର ନାଗରିକ (ନାଗରିକ ଏବଂ କମ୍ପାନୀ) ଅନ୍ୟ ଦେଶରେ ପଞ୍ଜୀକୃତ ହୋଇଥିବା ମତ୍ସ୍ୟପୋତର ମାଲିକ ହୋଇଥାନ୍ତି କିମ୍ବା ବିଦେଶୀ ମତ୍ସ୍ୟପୋତରେ କ୍ୟାପଟେନ ଭାବରେ କାର୍ଯ୍ୟ କରୁଥାନ୍ତି, ତେବେ ଆପଣଙ୍କର ଆଇନ ଏବଂ ପ୍ରଚଳିତ ପଦ୍ଧତି ଆପଣଙ୍କୁ ଆଇ ୟୁ ୟୁ ମତ୍ସ୍ୟବୃତ୍ତି ପାଇଁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ଦିଏ କି ନାହିଁ ?
- ଯଦି ଆପଣ ବିଦେଶୀ ଜାହାଜକୁ ଆପଣଙ୍କ ଅଞ୍ଚଳରେ ମାଛ ମାରିବାକୁ ଅନୁମତି ଦିଅନ୍ତି, ତେବେ ସେହି ମତ୍ସ୍ୟବୃତ୍ତିକୁ ଅନୁମୋଦନ କରୁଥିବା ଆପଣଙ୍କ ଚୁକ୍ତିନାମା ଗୁଡିକ ଆଇ ୟୁ ୟୁ ମତ୍ସ୍ୟ ସମସ୍ୟାର ମୁକାବିଲା ପାଇଁ ସସକ୍ତ ହେବା ଆବଶ୍ୟକ କି ?
- ଯଦି ଆପଣଙ୍କ ଦେଶ  ବିଦେଶୀ ଜାହାଜଗୁଡ଼ିକୁ ଆପଣଙ୍କ ବନ୍ଦରରେ ମତ୍ସ୍ୟ ବିକ୍ରୟ  କରିବାକୁ କିମ୍ବା ଜାହାଜ ରେ ଥିବା ମତ୍ସ୍ୟ ଭାର ପରିବର୍ତ୍ତନ (ଟ୍ରାନ୍ସଶିପ) ପାଇଁ  ଅନୁମତି ଦିଅନ୍ତି, ତେବେ ଆପଣଙ୍କର ନିୟମ ଏବଂ ପଦ୍ଧତି ଆପଣଙ୍କୁ ଯାଞ୍ଚ ମାଧ୍ୟମରେ ଏହିପରି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ଅନୁମତି ଦେଇଥାଏ କି ?



ଆଇ ୟୁ ୟୁ ମତ୍ସ୍ୟଜୀବୀମାନେ ନିଜର ପରିଚୟ ପ୍ରକ୍ରିୟାକୁ ଏଡ଼ାଇବାକୁ ଚେଷ୍ଟା କରନ୍ତି । ଏଥିପାଇଁ ସେମାନେ ପ୍ରାୟତଃ ନିରୀକ୍ଷଣ, ନିୟନ୍ତ୍ରଣ ଏବଂ ତଦାରଖ (ଏମ ସି ଏସ ) ଦୁର୍ବଳ ଥିବା ଅଞ୍ଚଳରେ ମାଛ ଧରିଥାନ୍ତି । " ବେଆଇନ , ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତିକୁ ରୋକିବା ଉଦ୍ଦେଶ୍ୟ ରେ "ଆଇ ପି ଓ ଏ – ଆଇ ୟୁ ୟୁ ବିଭିନ୍ନ ପ୍ରକାରର ଏମ ସି ଏସ ଉପକରଣ ସମ୍ପର୍କରେ ବର୍ଣ୍ଣନା କରେ, ଯଥା:

- ଜାହାଜ ତଦାରଖକାରୀ ତନ୍ତ୍ର (ଭି ଏମ ଏସ)
- ପର୍ଯ୍ୟବେକ୍ଷକ ଯୋଜନା
- ମତ୍ସ୍ୟ ଉତ୍ପାଦନ ପାଇଁ ଦସ୍ତାବେଜ ଯୋଜନା
- ବନ୍ଦର ଏବଂ ସମୁଦ୍ରରେ ଜାହାଜଗୁଡ଼ିକର ଯାଞ୍ଚ
- ସନ୍ଦେହଜନକ ଆଇ ୟୁ ୟୁ ଜାହାଜଗୁଡିକ ପାଇଁ ବନ୍ଦର ପ୍ରବେଶ କିମ୍ବା ମିଳୁଥିବା ସୁବିଧା ଗୁଡିକୁ ନିଷେଧ କରିବା; ଇତ୍ୟାଦି

ଏମ ସି ଏସ ବା ଯାଞ୍ଚ ପ୍ରକ୍ରିୟାକୁ ଉନ୍ନତ କରିବାପାଇଁ ଜାହାଜ ତଦାରଖକାରୀ ତନ୍ତ୍ର (ଭି ଏମ ଏସ) ହେଉଛି ଏକ ବଳିଷ୍ଠ ସାଧନ । ଭି ଏମ ଏସ ବ୍ୟବହାର କରୁଥିବା ଜାହାଜଗୁଡ଼ିକର ଅବସ୍ଥିତି ଦେଶମାନେ ସହଜରେ ଜାଣିପାରିବେ । ଭି ଏମ ଏସ ବ୍ୟବହାର କରି ଜାହାଜଗୁଡିକ ମତ୍ସ୍ୟ ପ୍ରଶାସନକୁ ଶୀଘ୍ର ଏବଂ ଶସ୍ତା ମୂଲ୍ୟରେ ସୂଚନା ପଠାଇପାରିବେ ଏବଂ ସମୁଦ୍ରରେ ଏକ ଜାହାଜ ବିପଦରେ ଥିଲେ ସାହାଯ୍ୟ ମାଗିବା ପାଇଁ ମଧ ବ୍ୟବହାର କରିପାରିବେ । ବହୁ ସଂଖ୍ୟକ ଦେଶ ସେମାନଙ୍କର ନିଜସ୍ୱ ଜାହାଜ ଏବଂ ତାଙ୍କ ଜଳସୀମାରେ ମାଛ ଧରୁଥିବା ବିଦେଶୀ ଜାହାଜକୁ ଭି ଏମ ଏସ ବ୍ୟବହାର କରାଇବାରେ ସକ୍ଷମ କରାଇପାରିଛନ୍ତି । ନିକଟ ଅତୀତରେ ଭି ଏମ ଏସ ର ମୂଲ୍ୟ ବହୁତ ହ୍ରାସ ପାଇଛି । ସମସ୍ତ ଦେଶ ଭି ଏମ ଏସ ର ବ୍ୟବହାର ର ବିସ୍ତାର ପାଇଁ ଦୃଢ ବିଚାର କରିବା ଉଚିତ । ଏଥିପାଇଁ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ (ଏଫ ଏ ଓ ) ଭି ଏମ ଏସ ଉପରେ ବୈଷୟିକ ନିର୍ଦ୍ଦେଶାବଳୀ ପ୍ରକାଶ କରିଛନ୍ତି, ଯାହା ସଂଗଠନର ୱେବସାଇଟ୍ କିମ୍ବା ସଂଗଠନ କାର୍ଯ୍ୟାଳୟରେ ଉପଲବ୍ଧ ।



ସରକାର ମତ୍ସ୍ୟଜୀବୀଙ୍କୁ ସକାରାତ୍ମକ କାର୍ଯ୍ୟ ମାଧ୍ୟମରେ ମାଛଧରା ନିୟମ ପାଳନ କରିବାକୁ ନିମ୍ନ ପ୍ରଦତ୍ତ ଉପାୟରେ ଉତ୍ସାହିତ କରିପାରିବେ, ଯଥା:

- ମତ୍ସ୍ୟଜୀବୀମାନଙ୍କ ପାଇଁ ସାମୁହିକ ଶିକ୍ଷା ଏବଂ ଅନ୍ୟାନ୍ୟ ଯୋଗାଯୋଗ;
- ମତ୍ସ୍ୟ ନିୟମ ଗୁଡିକର ବିକାଶରେ ହିତାଧିକାରୀମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା;
- ଅନୁପାଳନ ସପକ୍ଷରେ ସମର୍ଥନ ସୃଷ୍ଟି କରାଇବା ଏବଂ
- ମତ୍ସ୍ୟଜୀବୀମାନେ ସହଜ ବ୍ୟବହାର କରିପାରୁଥିବା ସୂଚନା ସଂଗ୍ରହ ସେବା ସୃଷ୍ଟି କରାଇବା ।

ନିୟମ ଭାଙ୍ଗୁଥିବା ମତ୍ସ୍ୟଜୀବୀମାନେ କଠୋର ଦଣ୍ଡର ସମ୍ମୁଖୀନ ହେବା ଉଚିତ । ମତ୍ସ୍ୟପୋତ ଗୁଡିକୁ ଯାଞ୍ଚ କରିବା, ଆଇ ୟୁ ୟୁ  କାର୍ଯ୍ୟକଳାପ ଘଟୁଛି ବୋଲି ସନ୍ଦେହ ଆସିଲେ ଅନୁସନ୍ଧାନ କରିବା ଏବଂ ଉଲ୍ଲଂଘନକାରୀଙ୍କ ତ୍ରୁଟିକୁ ସଫଳତାର ସହ ବିଚାର କରିବା ପାଇଁ ରାଷ୍ଟ୍ରମାନେ ନିଜର ଦକ୍ଷତା ବୃଦ୍ଧି କରିବା ଉଚିତ।

ମତ୍ସ୍ୟବୃତ୍ତି ସମ୍ବନ୍ଧୀୟ ନିରୀକ୍ଷଣ, ନିୟନ୍ତ୍ରଣ ଏବଂ ତଦାରଖ (ଏମ ସି ଏସ) କାର୍ଯ୍ୟକଳାପର ସହଯୋଗ ଏବଂ ସମନ୍ୱୟ ପାଇଁ ଦେଶଗୁଡିକ ଅନ୍ତର୍ଜାତୀୟ ନେଟୱାର୍କରେ ଅଂଶଗ୍ରହଣ କରିବାକୁ ମଧ୍ୟ ବିଚାର କରିବା ଉଚିତ । ଏହି ନେଟୱାର୍କ ଆନ୍ତର୍ଜାତୀୟ ସ୍ତରରେ ନିରୀକ୍ଷଣ, ନିୟନ୍ତ୍ରଣ ଏବଂ ତଦାରଖ (ଏମ ସି ଏସ) କାର୍ଯ୍ୟକଳାପକୁ ସଂଯୋଜନା କରୁଛି ଯାହା ଦ୍ୱାରା ଦେଶଗୁଡିକ ନିର୍ଦ୍ଦିଷ୍ଟ ପ୍ରକାରର ସୂଚନାକୁ ଶୀଘ୍ର ପାଇପାରିବେ । ଏହି ନେଟୱାର୍କ ବିଷୟରେ ଅଧିକ ଜାଣିବାକୁ, ଏହାର ୱେବସାଇଟ୍ କୁ ଦେଖନ୍ତୁ :

*http://swr.ucsd.edu/enf/mcs/mcs.htm*

User name: mcs

Password: mcsnet

**ଫ୍ଲାଗ୍ ଦେଶଗୁଡିକର ଦାୟିତ୍ୱ**

ଉଭୟ ମତ୍ସ୍ୟବୃତ୍ତି ସହିତ ନିୟୋଜିତ ଥିବା ଜାହାଜ ଏବଂ ଏହାର ସହାୟକ ଜାହାଜ (ଯେପରିକି ପରିବହନ ଜାହାଜ ଯାହା ମତ୍ସ୍ୟବୃତ୍ତି କରୁଥିବା ଜାହାଜରୁ ମତ୍ସ୍ୟ ସଂଗ୍ରହ କରିଥାଏ ଏବଂ ମତ୍ସ୍ୟଜୀବୀ ଜାହାଜକୁ ଇନ୍ଧନ ଏବଂ ଯୋଗାଣ ସାମଗ୍ରୀ ଯୋଗାଇଥାଏ) ଗୁଡିକର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ହେଉଛି ଫ୍ଲାଗ୍ ଦେଶଗୁଡିକର ପ୍ରଧାନ ଦାୟିତ୍ୱ । ଫ୍ଲାଗ ଦେଶଗୁଡ଼ିକୁ ସେମାନଙ୍କର ଜାହାଜ ଉପରେ ନିୟନ୍ତ୍ରଣକୁ ମଜବୁତ କରିବାରେ ସାହାଯ୍ୟ କରିବାକୁ, ଆଇ ପି ଓ ଏ – ଆଇ ୟୁ ୟୁ ଉପକରଣସମୂହର ଏକ ବିସ୍ତୃତ ମିଶ୍ରଣ ପ୍ରସ୍ତୁତ କରିଛି ।

ଏହି ଉପକରଣଗୁଡିକ କାର୍ଯ୍ୟ କରିବା ପାଇଁ, ଫ୍ଲାଗ ଦେଶଗୁଡିକର ସରକାର ମାନଙ୍କର ରାଜନୈତିକ ଇଚ୍ଛାଶକ୍ତି ରହିବା ଆବଶ୍ୟକ । ଦୁର୍ଭାଗ୍ୟବଶତଃ, ଅନେକ ଦେଶ ସେମାନଙ୍କର ମତ୍ସ୍ୟବୃତ୍ତିରେ ନିୟୋଜିତ ଜାହାଜ ଗୁଡିକର କାର୍ଯ୍ୟ ତଦାରଖ ପାଇଁ ମୌଳିକ ପଦକ୍ଷେପ ନ ନେଇ ମତ୍ସ୍ୟପୋତ ଗୁଡିକର ପଞ୍ଜିକରଣ ଜାରି ରଖିଛନ୍ତି । ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନର ସମସ୍ୟାକୁ ସଫଳତାର ସହ ସମାଧାନ କରିବାକୁ ହେଲେ ଏବଂ ମତ୍ସ୍ୟ ସଂରକ୍ଷଣ ଏବଂ ପରିଚାଳନାରେ ଉନ୍ନତି ଆଣିବାକୁ ହେଲେ ପରିସ୍ଥିତିରେ ପରିବର୍ତ୍ତନ ହେବା ଆବଶ୍ୟକ ।

*ମତ୍ସ୍ୟପୋତ ପଞ୍ଜୀକରଣ.* ଗୋଟିଏ ଦେଶ କୌଣସି ଏକ ମତ୍ସ୍ୟପୋତକୁ ପଂଜିକୃତ କରିବାକୁ ଅନୁମତି ଦେବା ପୂର୍ବରୁ ଏବଂ ସେହି ଦେଶର ପତାକା ଉଡ଼ାଇବାକୁ ଅନୁମତି ଦେବା ପୂର୍ବରୁ, ସୁନିଶ୍ଚିତ କରିବା ଉଚିତ ଯେ ଉକ୍ତ ଜାହାଜର ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାର କ୍ଷମତା ସେହି ଦେଶର ଅଛି ।

ଅନେକ ଦେଶ ଛୋଟ ମାଛଧରା ଜାହାଜର ପଞ୍ଜୀକରଣ କରନ୍ତି ନାହିଁ । ଆଇ ୟୁ ୟୁ ମାଛଧରା ପରିପ୍ରେକ୍ଷୀ ରେ ଛୋଟ ଛୋଟ ଜାହାଜ ସମେତ, ଯେତେ ସମ୍ଭବ ଅଧିକ ଜାହାଜ, ପ୍ରାୟତଃ ସମସ୍ତଙ୍କୁ ପଞ୍ଜିକରଣ କରାଇବା ପାଇଁ ଦେଶଗୁଡିକୁ ଉତ୍ସାହିତ କରାଯାଏ ଏବଂ ସମସ୍ତଙ୍କୁ ସେହି ଦେଶର ମତ୍ସ୍ୟବୃତ୍ତିରେ ନିୟୋଜିତ ଥିବା ଜାହାଜଗୁଡିକୁ ପଞ୍ଜିଭୁକ୍ତ କରାଯାଏ, ଯାହା ନିମ୍ନରେ ଆଲୋଚନା କରାଯାଇଛି ।

ଯଦିଓ ଏକ ଜାହାଜ ଆଇ ୟୁ ୟୁ ମାଛଧରାରେ ନିୟୋଜିତ ହେବ ବୋଲି ପୂର୍ବାନୁମାନ କରିବା କଷ୍ଟସାଧ୍ୟ, ତେବେ ଜାହାଜଗୁଡିକ ଏହି ବୃତ୍ତିରେ ଯଥେଷ୍ଟ ଆଗରୁ ଥିଲେ ଆକଳନ ସହଜ ହୋଇଥାଏ । ଦେଶଗୁଡିକ ଏହିପରି ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନର ଇତିହାସ ଥିବା ଜାହାଜର ପଞ୍ଜୀକରଣରୁ ନିବୃତ୍ତ ରହିବା ଉଚିତ । ଅଭିଜ୍ଞତାରୁ ଜଣାଯାଇଛି ଯେ ମାଛଧରା ରେ ସମ୍ପୃକ୍ତ ସାମାନ୍ୟ ଜାହାଜଗୁଡ଼ିକ ନାମ ଏବଂ ପଞ୍ଜୀକରଣରେ ପରିବର୍ତ୍ତନ କରି ପ୍ରାୟତଃ ଆଇ ୟୁ ୟୁ ମାଛଧରାରେ ଜଡିତ ଥାନ୍ତି । ପଞ୍ଜିକରଣ କରିବାକୁ ଚାହୁଁଥିବା ଏକ ମତ୍ସ୍ୟପୋତ ମାଲିକଙ୍କ ଠାରୁ ନିର୍ଦ୍ଦିଷ୍ଟ ଦେଶର ସରକାର ପୂର୍ବ ଦେଶ ଯେଉଁ ଯେଉଁ ଠାରେ ଜାହାଜଟି ପଞ୍ଜିକୃତ ହୋଇଛି ସେ ସମସ୍ତ ଦେଶର ତଥ୍ୟ ହାସଲ କରିବା ଉଚିତ, ଏପରିକି ନାମ ପରିବର୍ତ୍ତନ ପଂଜିକରଣର ତଥ୍ୟ ମଧ୍ୟ । ଯଦି ସମ୍ଭାବ୍ୟ ପତାକା ପ୍ରଦର୍ଶନ ଘଟୁଥାଏ (ଅର୍ଥାତ୍ ପତାକା ବାରମ୍ବାର ପରିବର୍ତ୍ତନ), ତେବେ ଏହା ହୋଇପାରେ ଯେ ସମ୍ପୃକ୍ତ ଜାହାଜଟି ଆଇ ୟୁ ୟୁ ମାଛ ଧରିବା ପାଇଁ ବ୍ୟବହୃତ ହେଉଛି । ସରକାର ମଧ୍ୟ ଜାହାଜ ମାଲିକମାନଙ୍କୁ ବାରମ୍ବାର ପଞ୍ଜିକରଣ ପରିବର୍ତ୍ତନର କାରଣ ସମ୍ପର୍କରେ ନିହାତି ଭାବେ ତଦାରଖ କରିବା ଆବଶ୍ୟକ ।

*ମତ୍ସ୍ୟ ଜାହାଜଗୁଡ଼ିକର ପଞ୍ଜି :* ପ୍ରତ୍ୟେକ ଦେଶ ଏହାର ମତ୍ସ୍ୟପୋତ ଗୁଡିକର ଏକ ପଞ୍ଜି ରଖିବା ଉଚିତ । ପଞ୍ଜିରେ ଥିବା ସୂଚନା ଜାହାଜଗୁଡ଼ିକର ଭୌତିକ ଗୁଣ ଏବଂ ସେମାନଙ୍କର ଅତୀତର ମତ୍ସ୍ୟବୃତ୍ତି ଇତିହାସ ସହିତ ଜଡିତ ହେବା ଉଚିତ ଏବଂ ଏଥିରେ ନିମ୍ନଲିଖିତ ବିଷୟ ଅନ୍ତର୍ଭୂକ୍ତ କରାଯିବା ଉଚିତ:

- ମତ୍ସ୍ୟପୋତର ନାମ, ପଞ୍ଜୀକରଣ ସଂଖ୍ୟା, ପୂର୍ବ ନାମଗୁଡିକ (ଯଦି ଜଣାଅଛି), ଏବଂ ପଞ୍ଜିକରଣ ହୋଇଥିବା ବନ୍ଦର ର ନାମ ;
- ପୂର୍ବ ପତାକା (ଯଦି ଥାଏ);
- ଆନ୍ତର୍ଜାତୀୟ କଲ୍ ଚିହ୍ନ (ଯଦି ଥାଏ);
- କେଉଁଠାରେ ଏବଂ କେବେ ନିର୍ମାଣ ହୋଇଛି;
- ଜାହାଜର ପ୍ରକାର;
- ମାଛ ଧରିବାର ପଦ୍ଧତି;
- ମୋଟ ଓଜନ ;
- ମୁଖ୍ୟ ଇଞ୍ଜିନ୍ କିମ୍ବା ଇଞ୍ଜିନ୍ ଗୁଡ଼ିକର କ୍ଷମତା;
- ଜାହାଜର ଲମ୍ବ;
- ଢାଞ୍ଚାର ଗଭୀରତା ;
- ବିମ୍;

- ଆବଶ୍ୟକ ହେଲେ, ପଞ୍ଜୀକରଣ ସମୟରେ କିମ୍ବା ଅଧିକ ଗଠନାତ୍ମକ ପରିବର୍ତ୍ତନ ପରେ ନିଆଯାଇଥିବା ଜାହାଜର ପାର୍ଶ୍ୱ ଦୃଶ୍ୟ ଦେଖାଉଥିବା ଏକ ଫଟୋଗ୍ରାଫ୍;
- ଜାହାଜ ପଞ୍ଜିକୃତ ହୋଇଥିବା ବ୍ୟକ୍ତି (ସମୂହ) କିମ୍ବା କମ୍ପାନୀର ନାମ, ଠିକଣା ଏବଂ ଜାତୀୟତା;
- ଜାହାଜର କାର୍ଯ୍ୟ ପରିଚାଳନା ପାଇଁ ଦାୟୀ ଥିବା ବ୍ୟକ୍ତି (ସମୂହ) କିମ୍ବା କମ୍ପାନୀର ନାମ, ଠିକଣା ଏବଂ ଜାତୀୟତା;
- ଜାହାଜର ଲାଭଦାୟକ ମାଲିକାନା ଥିବା ବ୍ୟକ୍ତି କିମ୍ବା କମ୍ପାନୀର ନାମ, ଠିକଣା ଏବଂ ଜାତୀୟତା ଏବଂ
- ଜାହାଜର ମାଲିକାନା ଇତିହାସ ଏବଂ ଜାହାଜର ଆଇ ୟୁ ୟୁ ମାଛ ଧରିବାର ଇତିହାସ (ଯଦି ଜଣାଥାଏ ) ।

ପଞ୍ଜିଭୁକ୍ତ ପ୍ରତ୍ୟେକ ଜାହାଜ ସକ୍ରିୟ ଭାବରେ ମତ୍ସ୍ୟବୃତ୍ତିରେ ଅଛନ୍ତି କି ନାହିଁ ଏହାର ପଞ୍ଜିକରଣ ହେବା ଉଚିତ ।

*ମାଛଧରା ର ପ୍ରାଧିକରଣ.* ଯେପର୍ଯ୍ୟନ୍ତ କୌଣସି ଦେଶର ଜାହାଜଗୁଡ଼ିକ ମାଛ ଧରିବା ପାଇଁ ଅନ୍ୟ କୌଣସି ସରକାରଙ୍କ ତରଫରୁ ଅନୁମତି ଗ୍ରହଣ ନକରିଛନ୍ତି, ଫ୍ଲାଗ୍ ଦେଶଗୁଡିକ ସେମାନଙ୍କର ସେହି ଜାହାଜକୁ କୌଣସି ମହାସାଗରରେ ମାଛ ଧରିବାକୁ ବାରଣ କରିବା ଉଚିତ । ଏକ ଫ୍ଲାଗ୍ ଦେଶ କେବଳ ଏହାର ଅଞ୍ଚଳରେ ପଞ୍ଜୀକୃତ ହୋଇଥିବା ଏବଂ ମତ୍ସ୍ୟପୋତ ପଞ୍ଜିଭୁକ୍ତ ଜାହାଜକୁ ଅନୁମତି ଦେବା ଉଚିତ ।

ଯଦି ମାଲିକ କିମ୍ବା ଚାଳକମାନେ ପ୍ରାଧିକରଣରେ ଲିଖିତ ସର୍ତ୍ତ ଅନୁଯାୟୀ ମାଛ ଧରିବାକୁ ରାଜି ହୁଅନ୍ତି ତେବେ ଜାହାଜଗୁଡିକ ମାଛ ଧରିବା ପାଇଁ ଅନୁମତି ଗ୍ରହଣ କରିବା ଉଚିତ। ଏହା ଫ୍ଲାଗ୍ ଦେଶକୁ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ବଜାୟ ରଖିବାକୁ ସହାୟକ ହେଇଥାଏ । ଏହି ସର୍ତ୍ତଗୁଡିକ ନିର୍ଦ୍ଦିଷ୍ଟ ହେବା ଉଚିତ, ଉଦାହରଣ ସ୍ୱରୂପ:

- କେଉଁ ପ୍ରଜାତି ର ମାଛ ଧରାଯାଇପାରିବ;
- କେଉଁ ମାଛ ଧରା ଯନ୍ତ୍ର ବ୍ୟବହାର କରାଯାଇପାରିବ, ଏବଂ
- କେଉଁଠାରେ ଏବଂ କେବେ ଜାହାଜଗୁଡ଼ିକ ମତ୍ସ୍ୟ ଉତ୍ପାଦନ କରିପାରିବେ

ଆଇ ପି ଓ ଏ - ଆଇ ୟୁ ୟୁ ର ଅନୁଚ୍ଛେଦ ୪୭ ଏପରି ପରିସ୍ଥିତିର ଏକ ବ୍ୟାପକ ବିଷୟକୁ ସୂଚିତ କରେ କିନ୍ତୁ ଏଗୁଡିକ ସମସ୍ତ ପରିସ୍ଥିତିରେ ପ୍ରଯୁଜ୍ୟ ହେବ ନାହିଁ ।

ଏକ ଉପକୂଳବର୍ତ୍ତୀ ଦେଶ ଏକ ବିଦେଶୀ ଜାହାଜକୁ ନିଜ ସାମୁଦ୍ରିକ ସୀମା ଭିତରେ ମାଛ ଧରିବାକୁ ଅନୁମତି ଦେବା ପୂର୍ବରୁ, ଏହା ଯାଞ୍ଚ କରିବା ଉଚିତ ଯେ ଜାହାଜଟି ଏହାର ଫ୍ଲାଗ୍ ଦେଶରୁ ସେହି ଦେଶର ସୀମା ବାହାରେ ଥିବା ଜଳରାଶି ରେ ମାଛ ମାରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଅନୁମତି ପାଇଛି କି ନାହିଁ ।

*ଅନ୍ୟାନ୍ୟ ନିୟନ୍ତ୍ରଣ ପଦକ୍ଷେପ.* ମତ୍ସ୍ୟପୋତ ଗୁଡିକର ପଞ୍ଜୀକରଣ, ମତ୍ସ୍ୟପୋତ ବିବରଣୀର ପ୍ରସ୍ତୁତି ଏବଂ ମତ୍ସ୍ୟବୃତ୍ତି ପ୍ରାଧିକରଣର ଉପଯୁକ୍ତ ବ୍ୟବହାର ଇତ୍ୟାଦି ଏକ ଫ୍ଲାଗ୍ ଦେଶକୁ ଏହାର ଜାହାଜଗୁଡ଼ିକର ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଆନୁଷ୍ଠାନିକ (କିମ୍ବା ଆଇନଗତ) ଆଧାର ଦେଇଥାଏ । ଜାହାଜ ଉପରେ ପ୍ରକୃତ ନିୟନ୍ତ୍ରଣ ହାସଲ କରିବାକୁ, ଏକ ଫ୍ଲାଗ୍ ଦେଶ ଆଇ ପି ଓ ଏ - ଆଇ ୟୁ ୟୁ ରେ ବର୍ଣ୍ଣିତ ବିଭିନ୍ନ ବ୍ୟବହାରିକ ଉପକରଣ ସମୂହରୁ ବାଛିବା ଉଚିତ ।

ଉଦାହରଣ: ଯଦିଓ ପ୍ରତ୍ୟେକ ମୁହୂର୍ତ୍ତରେ ନୁହେଁ, ତେବେ ଅତି କମରେ ନିୟମିତ ଏବଂ ବାରମ୍ବାର ବ୍ୟବଧାନରେ (ଧରନ୍ତୁ ପ୍ରତି ସପ୍ତାହରେ) ଏକ ଫ୍ଲାଗ୍ ଦେଶ ଜାଣିବା ଉଚିତ ଯେ ଏହାର ଜାହାଜଗୁଡ଼ିକ କେଉଁଠାରେ ଉପସ୍ଥିତ ଅଛନ୍ତି । ରେଡିଓ ଟେଲିଫୋନ ଦ୍ୱାରା ବାଧ୍ୟତାମୂଳକ ସ୍ଥିତି ରିପୋର୍ଟ ଏବଂ ଲଗବୁକ୍ ର ବାଧ୍ୟତାମୂଳକ ପଞ୍ଜି ପ୍ରସ୍ତୁତି ଓ ଜାହାଜ ଅବସ୍ଥାନର ବାରମ୍ବାର ରେକର୍ଡିଂ ଇତ୍ୟାଦି ଜାହାଜଗୁଡିକ ଟ୍ରାକିଂ ପାଇଁ ସାଧାରଣ ଉପକରଣ ସମୂହର ଅନ୍ତର୍ଭୁକ୍ତ ଅଟେ । ମାଛମରାକୁ ଅନୁମତି ଦେବା ପୂର୍ବରୁ ଜାହାଜ ଚାଳକମାନଙ୍କ ଦ୍ୱାରା ଏହି ଆବଶ୍ୟକତାକୁ ଗ୍ରହଣ କରିବା ଆବଶ୍ୟକ ଅଟେ ।

ଦୁର୍ଭାଗ୍ୟବଶତଃ, ଆଇ ୟୁ ୟୁ ମତ୍ସ୍ୟଜୀବୀମାନେ ପ୍ରାୟତଃ ଏହି ଆବଶ୍ୟକତାକୁ ମାନନ୍ତି ନାହିଁ । କିନ୍ତୁ ଦାୟିତ୍ୱସମ୍ପନ୍ନ ଜାହାଜ ଚାଳକମାନେ ଏହି ଆବଶ୍ୟକତା ମାନନ୍ତି । ସମୁଦ୍ରରେ ଆଇ ୟୁ ୟୁ ଜାହାଜଗୁଡ଼ିକର ଅବସ୍ଥାନ ଯାଞ୍ଚ କରିବା ପାଇଁ ଏକ ଫ୍ଲାଗ୍ ଦେଶର ଅନ୍ୟ କିଛି ଉପାୟ ମଧ୍ୟ ରହିବା ଉଚିତ । ଏଥିରୁ ଭି ଏମ ଏସ ହେଉଛି ଗୋଟିଏ ବିକଳ୍ପ ଯାହା ପୂର୍ବରୁ ଆଲୋଚନା କରାଯାଇଛି । ଅନ୍ୟ ଏକ ଉପାୟ ହେଉଛି ଜାହାଜରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଖିବା, ଯେଉଁମାନେ ଜାହାଜ ସ୍ଥିତିକୁ ନଜର ରଖିପାରିବେ ଏବଂ ମାଛଧରା କାର୍ଯ୍ୟ ଉପରେ ନଜର ରଖିପାରିବେ । ଫ୍ଲାଗ୍ ଦେଶଗୁଡିକ ମଧ୍ୟ ସମୁଦ୍ରରେ ଜଣାଶୁଣା ମାଛଧରା ସ୍ଥାନ (ଯେଉଁଠାରେ ସେମାନଙ୍କର ମତ୍ସ୍ୟପୋତ ଗୁଡିକ ମାଛଧରନ୍ତି) ଗୁଡିକରେ ପେଟ୍ରୋଲିଂ କରିବାର କ୍ଷମତା ବୃଦ୍ଧି କରିବା ଉଚିତ ।

ମାଛଧରା ଅନୁମତି ପାଇବାକୁ, ପ୍ରତ୍ୟେକ ଜାହାଜକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାପଦଣ୍ଡ ଅନୁଯାୟୀ ସଠିକ ଭାବରେ ଚିହ୍ନିତ କରାଯିବା ଉଚିତ, ଯେପରିକି ଏଫ ଏ ଓ ଦ୍ୱାରା ଜାହାଜ ଚିହ୍ନଟ ଓ ମାର୍କିଙ୍ଗ ପାଇଁ ପ୍ରସ୍ତୁତ ହୋଇଥିବା ମାନକ ନିର୍ଦ୍ଦିଷ୍ଟିକରଣ ଏବଂ ନିର୍ଦ୍ଦେଶାବଳୀ । ସହଜ ଚିହ୍ନଟ ଏବଂ ଅନୁସନ୍ଧାନକୁ ଅନୁମତି ଦେଉଥିବା ଉପାୟରେ ମାଛ ଧରା ଯନ୍ତ୍ର ମଧ୍ୟ ଚିହ୍ନିତ କରାଯିବା ଉଚିତ ।

ପ୍ରତ୍ୟେକ ମତ୍ସ୍ୟପୋତ କ'ଣ ଧରୁଛନ୍ତି ତାହା ଜାଣିବା ପାଇଁ ଏକ ଫ୍ଲାଗ୍ ଦେଶ ନିଜର କିଛି ଉପାୟ ରଖିବା ଆବଶ୍ୟକ । ସେହି ଅନୁଯାୟୀ, ଫ୍ଲାଗ୍ ଦେଶଗୁଡିକ ସେମାନଙ୍କର ଜାହାଜକୁ ନିୟମିତ ବ୍ୟବଧାନରେ ସେମାନଙ୍କ ମତ୍ସ୍ୟ ଉତ୍ପାଦନ ବିଷୟରେ ବିବରଣୀ ଦେବାକୁ ସୁନିଶ୍ଚିତ କରାଇବା ଉଚିତ । ଭି ଏମ ଏସ, ରେଡିଓ ଏବଂ ଫ୍ୟାକ୍ସ ପଦ୍ଧତିଗୁଡିକ ଏହିପରି ବିବରଣୀ ଦେବା ପାଇଁ ସୁବିଧାଜନକ ଏବଂ ସମୟ ସାପେକ୍ଷ ମାଧମ ପ୍ରଦାନ କରିଥାଏ । ଲଗବୁକ୍ ମାଧମରେ ମାଛଧରା ତଥ୍ୟର ବାଧ୍ୟତାମୂଳକ ବିବରଣୀ ମଧ୍ୟ ଗୋଟିଏ ସାଧାରଣ କଥା । ଏହାଛଡା ଅନ୍ୟାନ୍ୟ ପଦ୍ଧତି ମଧ୍ୟ ଉପଲବ୍ଧ ।

ଯଦିଓ ମାଛଧରା ତଥ୍ୟର ବିବରଣୀ ଭିନ୍ନ ଭିନ୍ନ ହେବ, ତଥାପି ଫ୍ଲାଗ୍ ଦେଶଗୁଡିକ ମାଛଧରା ସମୟରେ ମତ୍ସ୍ୟ ଉତ୍ପାଦନ ସମ୍ବନ୍ଧରେ ଅତିକମରେ ସମୟାନୁବର୍ତ୍ତୀ, ସମ୍ପୂର୍ଣ୍ଣ ଏବଂ ସଠିକ୍ ସୂଚନା ବିବରଣୀ ଦେବାକୁ ସେମାନଙ୍କର ମତ୍ସ୍ୟପୋତ ଗୁଡିକୁ ସୁନିଶ୍ଚିତ କରାଇବା ଉଚିତ, ଯଥା:

- ଜାହାଜର ପରିଚୟ (ସମ୍ପର୍କ ଚିହ୍ନ, ବନ୍ଦର ଏବଂ ପଞ୍ଜିକରଣ ସଂଖ୍ୟା);
- ଜାହାଜର ସ୍ଥିତି;
- ଜାହାଜର ଗତିପଥ;
- ମାଛଧରା ପରିମାଣ (ମାଛଧରିବାର ସ୍ଥାନ, ସମୟ ଓ ତାରିଖ );
- ଧରାଯାଇଥିବା ମାଛମାନଙ୍କର (କ୍ୟାଚ) ପଞ୍ଜି (ଆନୁମାନିକ ଓଜନ ସହ ନିର୍ଦ୍ଧାରିତ ଏବଂ ଅଣନିର୍ଦ୍ଧାରିତ ପ୍ରଜାତି (ଧରିବା ସମୟର ଜୀବନ୍ତ ଓଜନ);
- କ୍ଷେତ୍ର ପ୍ରବେଶ / ପ୍ରସ୍ଥାନ (ବନ୍ଦ ଅଞ୍ଚଳ ପ୍ରବେଶ / ପ୍ରସ୍ଥାନ ଅନ୍ତର୍ଭୁକ୍ତ) ସୂଚନା , ଏବଂ
- ବନ୍ଦର ପ୍ରବେଶ ସୂଚନା ।

ଫ୍ଲାଗ୍ ଦେଶଗୁଡିକ, ବିବରଣୀରେ ଦିଆଯାଇଥିବା ତଥ୍ୟର ସଠିକତା ଯାଞ୍ଚ କରିବାରେ ସକ୍ଷମ ହେବା ଉଚିତ ଏବଂ ବିବରଣୀ ଦେବାରେ ବିଫଳତା ଏବଂ ଭୁଲ ତଥ୍ୟର ପ୍ରଦାନ ପାଇଁ ତଥ୍ୟଦାତାକୁ ଦଣ୍ଡିତ କରିବା ଉଚିତ । ବନ୍ଦରରେ ନିତ୍ୟ ଯାଞ୍ଚ ଏବଂ ଜାହାଜରେ ସ୍ୱାଧୀନ ପର୍ଯ୍ୟବେକ୍ଷକଙ୍କ ମନ୍ତବ୍ୟ ଅନ୍ତର୍ଭୁକ୍ତ ।

ଯେପରି ଉପରେ ଆଲୋଚନା କରାଯାଇଛି ଯେ ଆଇ ୟୁ ୟୁ ମାଛଧରା ପାଇଁ ଉଦ୍ଦିଷ୍ଟ ଦଣ୍ଡବିଧାନ ଯଥେଷ୍ଟ କଠିନ ଅଟେ ବୋଲି ଫ୍ଲାଗ୍ ଦେଶଗୁଡିକ ନିଶ୍ଚିତ କରିବା ଉଚିତ । ଗୁରୁତର ଅପରାଧ ପାଇଁ, ଜାହାଜର ମାଛଧରା ଅନୁମତି ପ୍ରତ୍ୟାହାର କିମ୍ବା ସ୍ଥଗିତ ରଖିବା ଭଳି କଟକଣା ରଖିବା ଉଚିତ । ମତ୍ସ୍ୟପୋତର କ୍ୟାପଟେନ ଏବଂ ଅନ୍ୟ ଅଧିକାରୀଙ୍କ ପାଇଁ ମଧ୍ୟ ପ୍ରତିବନ୍ଧକଗୁଡିକ ପ୍ରଯୁଜ୍ୟ ଏବଂ ସେହି କ୍ଷମତାରେ କାର୍ଯ୍ୟ କରିବା ପାଇଁ ସେମାନଙ୍କର ପ୍ରାଧିକରଣ ପ୍ରତ୍ୟାହାର କିମ୍ବା ସ୍ଥଗିତ ରଖିବା ଏହାର

ଅନ୍ତର୍ଭୁକ୍ତ ହେବା ଉଚିତ । ମତ୍ସ୍ୟଜୀବୀଙ୍କୁ ଆଇ ୟୁ ୟୁ ମତ୍ସ୍ୟବୃତ୍ତି ରୁ  ନିରୁତ୍ସାହିତ କରିବା ପାଇଁ କଠୋର ଦଣ୍ଡବିଧାନ ଆବଶ୍ୟକ ।

**ଉପକୂଳବର୍ତ୍ତୀ  ଦେଶଗୁଡିକର ଦାୟିତ୍ୱ**

ସମଗ୍ର ବିଶ୍ୱର ମତ୍ସୋତ୍ପାଦନର ଶତକଡା ୯୦ ଭାଗରୁ ଅଧିକ ମାଛ ଉପକୂଳବର୍ତ୍ତୀ ଦେଶମାନଙ୍କ ନିୟନ୍ତ୍ରଣରେ ହୋଇଥାଏ  । ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନର ଏକ ଭଲ ଅଂଶ ସେହି ଜଳରୁ ହିଁ ହୋଇଥାଏ । ସେହି ଆଇ ୟୁ ୟୁ  ମାଛଧରାର ଅଧିକାଂଶ ଅଂଶ ନିଜେ ଉପକୂଳବର୍ତ୍ତୀ ଦେଶରେ ପଞ୍ଜୀକୃତ ଜାହାଜ ଦ୍ୱାରା ପରିଚାଳିତ ହୋଇଥାଏ, ବିଶେଷକରି ଏହା କମ ମାଛ ଧରା ବିବରଣୀ ବା ଭୁଲ୍ ବିବରଣୀ ଆକାରରେ ହୋଇଥାଏ । ଅନ୍ୟ ପକ୍ଷରେ, ଉପକୂଳ ଦେଶର ବିନା ଅନୁମତିରେ (ଅର୍ଥାତ୍ ବେଆଇନ ମାଛ ଧରିବା  କିମ୍ବା ଚୋରି ) କିମ୍ବା ଅନୁମୋଦିତ ପ୍ରବେଶ ସର୍ତ୍ତାବଳୀକୁ ଉଲ୍ଲଂଘନ କରି ବିଦେଶୀ ଜାହାଜ ମାଛ ଧରିଥାନ୍ତି ।

ଏହି ସାମୁଦ୍ରିକ ଜଳରାଶି ରେ ଆଇ ୟୁ ୟୁ  ମତ୍ସ୍ୟବୃତ୍ତି ମୁଖ୍ୟତଃ ଉପକୂଳବର୍ତ୍ତୀ ଦେଶ ଏବଂ ସେଠାରେ କାର୍ଯ୍ୟ କରୁଥିବା ଦାୟିତ୍ୱବାନ ମତ୍ସ୍ୟଜୀବୀଙ୍କୁ କ୍ଷତି ପହଞ୍ଚାଏ । ତେଣୁ ଉପକୂଳବର୍ତ୍ତୀ ଦେଶଗୁଡିକ ସେମାନଙ୍କ ସାମୁଦ୍ରିକ ଜଳରାଶିରେ  ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ବନ୍ଦ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିବା ଉଚିତ, ଯାହାଫଳରେ ସେମାନେ ବର୍ତ୍ତମାନ ଏବଂ ଭବିଷ୍ୟତରେ ଅଧିକ ଲାଭ ପାଇବେ ।

ଯଦି ଆଇ ୟୁ ୟୁ ମତ୍ସ୍ୟବୃତ୍ତି କରୁଥିବା ଜାହାଜଗୁଡ଼ିକ ଉପକୂଳବର୍ତ୍ତୀ ଦେଶରେ ପଞ୍ଜୀକୃତ ହୋଇଥାନ୍ତି, ତେବେ ସେହି ଦେଶ ମଧ୍ୟ ଫ୍ଲାଗ୍ ଦେଶ ଅଟେ ଏବଂ ସେହି ଜାହାଜଗୁଡ଼ିକର ତଦାରଖ ପାଇଁ ପୂର୍ବ ବିଭାଗରେ ବର୍ଣ୍ଣିତ ଉପକରଣଗୁଡ଼ିକୁ ବ୍ୟବହାର କରିବା ଉଚିତ ।

ଯଦି ଆଇ ୟୁ ୟୁ  ମତ୍ସ୍ୟବୃତ୍ତିରେ ଲିପ୍ତ ଥିବା ଜାହାଜଗୁଡ଼ିକ ବିଦେଶରେ ପଞ୍ଜୀକୃତ ହୋଇଥାନ୍ତି, ତେବେ ଉପକୂଳବର୍ତ୍ତୀ ଦେଶରେ ଏହାର ନିବାରଣ ପାଇଁ ଅନେକ ଉପକରଣ ଅଛି । ସେହି ଉପକରଣଗୁଡ଼ିକ ହେଲା:

- ଏହାର ଜଳରେ ମାଛ ଧରିବାକୁ ଅନୁମତି ପ୍ରାପ୍ତ ବିଦେଶୀ ଜାହାଜଗୁଡ଼ିକର ଏକ ପଞ୍ଜି ରଖିବା;
- ବିଦେଶୀ ଜାହାଜଗୁଡିକ ଭି ଏମ ଏସ ବ୍ୟବହାର କରିବା ଆବଶ୍ୟକ, ଯେପରିକି ଉପକୂଳବର୍ତ୍ତୀ ଦେଶଗୁଡିକ ଜାହାଜର ପ୍ରକୃତ  ଅବସ୍ଥିତିକୁ ବୁଝିପାରିବେ ଏବଂ ଭି ଏମ ଏସ ଦ୍ୱାରା ନିୟମିତ ତଥ୍ୟ  ପାଇପାରିବେ, ଏବଂ

- ବିଦେଶୀ ଜାହାଜ, କିମ୍ବା ସେମାନଙ୍କ ମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ସେମାନଙ୍କ ସହିତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନେଇ ଯାତ୍ରା କରିବା ଆବଶ୍ୟକ ।

ଯେପରିକି ଫ୍ଲାଗ୍ ଦେଶଗୁଡିକ ଆଇ ୟୁ ୟୁ ମତ୍ସ୍ୟବୃତ୍ତି ର ଇତିହାସ ଥିବା ଜାହାଜ ଗୁଡିକୁ ପଞ୍ଜିକରଣ ନକରିବା ଉଚିତ, ସେହିଭଳି ଉପକୂଳବର୍ତ୍ତୀ ଦେଶଗୁଡିକ ମଧ୍ୟ ସେହି ଜାହାଜଗୁଡିକୁ ପ୍ରବେଶ ଅନୁମତି ନଦେବା ଉଚିତ । ବ୍ୟବହାରିକ ଦୃଷ୍ଟିରୁ, ଉପକୂଳବର୍ତ୍ତୀ ରାଷ୍ଟ୍ର  ଗୁଡିକ ଅନୁମତି ପତ୍ର ପ୍ରଦାନ ପୂର୍ବରୁ ଏହି ଜାହାଜର ଆଇ ୟୁ ୟୁ ମାଛ ଧରିବାର ଇତିହାସ ନାହିଁ ବୋଲି ଫ୍ଲାଗ୍ ଦେଶକୁ ଅନୁରୋଧ କରି ସୁନିଶ୍ଚିତ କରାଇନେବା ଉଚିତ।

ଯେ କୌଣସି  ଏକ ଉପକୂଳବର୍ତ୍ତୀ ଦେଶର ସାମୁଦ୍ରିକ ଜଳରାଶିରେ ମାଛ ଧରିବାକୁ ଇଚ୍ଛା ପ୍ରକାଶ କରୁଥିବା ଜାହାଜଗୁଡିକର ଫ୍ଲାଗ୍ ଦେଶ ସହିତ ଏକ ଆନୁଷ୍ଠାନିକ ଚୁକ୍ତି କରିବା  ଉଚିତ । ଚୁକ୍ତିନାମା ଦ୍ୱାରା ଅନୁମତି ଦିଆଯାଇଥିବା ଜାହାଜଗୁଡିକର ମତ୍ସ୍ୟବୃତ୍ତି କାର୍ଯ୍ୟକଳାପ ଉପରେ ନଜର ରଖିବାପାଇଁ ଫ୍ଲାଗ୍ ଦେଶର ନିରନ୍ତର ଦାୟିତ୍ୱ ସ୍ପଷ୍ଟ ହୋଇପାରିବ । ଅନ୍ତତଃ ପକ୍ଷେ, ଚୁକ୍ତିନାମା ଦ୍ୱାରା ଫ୍ଲାଗ୍ ଦେଶକୁ ଏହାର ପ୍ରବେଶ ସର୍ତ୍ତାବଳୀକୁ ଉଲ୍ଲଂଘନ କରିଥିବା ଜାହାଜକୁ ଦଣ୍ଡିତ କରିବା ଉଚିତ । ଏହି ଚୁକ୍ତି ମାଧ୍ୟମରେ ଉପକୂଳବର୍ତ୍ତୀ  ଦେଶ ଦ୍ୱାରା ନିଆଯାଇଥିବା ଏମ ସି ଏସ  ଉଦ୍ୟମରେ ଫ୍ଲାଗ୍ ଦେଶ ମଧ୍ୟ ସହାୟତା ଦେଇପାରେ ।

ଗଭୀର ସମୁଦ୍ରରେ ଜାହାଜରେ ଥିବା ମତ୍ସ୍ୟଭାର ପରିବର୍ତ୍ତନ (ଟ୍ରାନ୍ସଶିପମେଣ୍ଟ ) ଉପରେ ନଜର ରଖିବା କଷ୍ଟସାଧ୍ୟ,  କାରଣ ଆଇ ୟୁ ୟୁ ମତ୍ସ୍ୟଜୀବୀମାନେ ସାଧାରଣତଃ  ସେମାନଙ୍କ ଦ୍ୱାରା ଧରା ଯାଇଥିବା ମାଛକୁ ବନ୍ଦର ଅପେକ୍ଷା ଗଭୀର ସମୁଦ୍ରରେ ସ୍ଥାନାନ୍ତର କରିବାକୁ ପସନ୍ଦ କରନ୍ତି । ଉପକୂଳବର୍ତ୍ତୀ ଦେଶଗୁଡିକ ଏପରି ସ୍ଥାନକୁ ବିଚାରକୁ ନେବା ଉଚିତ ଯେ ସମସ୍ତ ପରିବହନ ବନ୍ଦରରେ ହେଉ କିମ୍ବା ଅନ୍ତତଃ ପକ୍ଷେ ଗଭୀର ସମୁଦ୍ରରେ ହେଉ ଯେଉଁଠି ନିରୀକ୍ଷକମାନେ ମାଛର ସବିଶେଷ ତଥ୍ୟ ଯାଞ୍ଚ କରିବାକୁ ଉପସ୍ଥିତ ରହିପାରିବେ ଏବଂ ସଠିକ୍ ନିୟନ୍ତ୍ରଣ କରାଯାଇପାରିବ  ।



**ବନ୍ଦର ଦେଶଗୁଡିକର ଦାୟିତ୍ୱ**

ଆଇ ୟୁ ୟୁ ମତ୍ସ୍ୟଜୀବୀମାନେ ପରିଶେଷରେ ବନ୍ଦରକୁ ତାଙ୍କ ଦ୍ୱାରା ଧରାଯାଇଥିବା ମତ୍ସ୍ୟ ବିକ୍ରୟ  କିମ୍ବା ଜାହାଜରେ ଥିବା ମତ୍ସ୍ୟଭାର ପରିବର୍ତ୍ତନ ପାଇଁ ଆଣିବେ । କେତେକ ଦେଶ ଜାଣିଶୁଣି କିମ୍ବା ଅଜାଣତରେ, ସେମାନଙ୍କ ବନ୍ଦରକୁ ଏହି ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଅନୁମତି ଦିଅନ୍ତି । ଅନ୍ୟ ଦେଶମାନେ ନିଜେ ଏବଂ ଅନ୍ୟମାନଙ୍କ ସହଯୋଗରେ, ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ବନ୍ଦରକୁ ପ୍ରବେଶ ସୀମିତ ଏବଂ ନିୟନ୍ତ୍ରଣ କରିବା ଆରମ୍ଭ କରିଛନ୍ତି ।

ଏକ ବନ୍ଦର ଉପରେ ସେହି ଦେଶର ପୂର୍ଣ୍ଣ ସାର୍ବଭୌମତ୍ୱ ରହିଛି। ସାଧାରଣତଃ କହିବାକୁ ଗଲେ, ଏକ ଦେଶ:

- ଏହାର ବନ୍ଦରକୁ ବିଦେଶୀ ଜାହାଜଗୁଡିକର ପ୍ରବେଶକୁ ବାରଣ କରିପାରେ କେବଳ ଜରୁରୀକାଳୀନ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ବ୍ୟତୀତ ।
- ବିଦେଶୀ ଜାହାଜଗୁଡ଼ିକୁ ଏହାର ବନ୍ଦରରେ ମତ୍ସ୍ୟ ବିକ୍ରୟ କିମ୍ବା ଜାହାଜରେ ଥିବା ମତ୍ସ୍ୟଭାର ପରିବର୍ତ୍ତନ  ପାଇଁ ବାରଣ କରିପାରେ ।
- ବନ୍ଦର ପ୍ରବେଶ ଚାହୁଁଥିବା ଜାହାଜଗୁଡ଼ିକୁ ସେମାନଙ୍କର ପରିଚୟ ଏବଂ ମତ୍ସ୍ୟ ଉତ୍ପାଦନ ବିଷୟରେ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ  ଦେଇପାରେ ।
- ସ୍ୱେଚ୍ଛାକୃତ ଭାବରେ ଏହାର ବନ୍ଦରରେ ଥିବା ମାଛଧରା ଜାହାଜଗୁଡ଼ିକୁ ଯାଞ୍ଚ କରିପାରେ ।

ଦେଶଗୁଡିକ ବନ୍ଦରକୁ ଆସିବାକୁ ଅନୁମତି ମାଗୁଥିବା ବିଦେଶୀ ମତ୍ସ୍ୟପୋତ ଗୁଡିକଠାରୁ ନିମ୍ନଲିଖିତ ବିଷୟ ହାସଲ କରିପାରିବେ :

- ବନ୍ଦରରେ ସେମାନଙ୍କର ପ୍ରବେଶ ବିଷୟରେ ଯୁକ୍ତିଯୁକ୍ତ ଅଗ୍ରୀମ ବିଜ୍ଞପ୍ତି ।
- ମାଛଧରିବା ପାଇଁ ସେମାନଙ୍କର ପ୍ରାଧିକରଣର ଏକ ନକଲ ।
- ମତ୍ସ୍ୟବୃତ୍ତି ଯାତ୍ରାର ବିଶେଷ ବିବରଣୀ ।
- ଜାହାଜରେ ଥିବା ମାଛର ପରିମାଣ ।

ଏକ ବନ୍ଦର ଦେଶର ବନ୍ଦରରେ ପ୍ରବେଶ କରିବା ପୂର୍ବରୁ ପରିବହନ ପରି ମତ୍ସ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟକଳାପରେ ଜଡିତ ବିଦେଶୀ ଜାହାଜଗୁଡିକଠାରୁ ସେହି ପ୍ରକାରର ସୂଚନା ଆବଶ୍ୟକ କରିପାରେ ।

ଏକ ଦେଶ ଯଦି ବିଦେଶୀ ଜାହାଜର ମତ୍ସ୍ୟବୃତ୍ତି କାର୍ଯ୍ୟକଳାପର ପ୍ରକୃତ ଯାଞ୍ଚ କରିପାରିବ କେବଳ ସେହି ପରିସ୍ଥିତିରେ ବିଦେଶୀ ମତ୍ସ୍ୟପୋତ ଗୁଡ଼ିକୁ ଏହାର ବନ୍ଦରକୁ ପ୍ରବେଶ ଅନୁମତି ଦେବା ଉଚିତ । ଏହିପରି ଯାଞ୍ଚ ସମୟରେ ଏକ ବନ୍ଦର ଦେଶ ଅତି କମରେ ନିମ୍ନଲିଖିତ ସୂଚନା ସଂଗ୍ରହ କରିବା ଉଚିତ ଏବଂ ତାହା ଫ୍ଲାଗ୍ ଦେଶ ତଥା ଅନ୍ୟ କୌଣସି ଉପଯୁକ୍ତ ଆଞ୍ଚଳିକ ମତ୍ସ୍ୟ ସଂଗଠନକୁ ପ୍ରଦାନ କରିବା ଉଚିତ:

- ଜାହାଜର ଫ୍ଲାଗ୍ ଦେଶ ଏବଂ ପରିଚୟ ବିବରଣୀ ।
- କ୍ୟାପଟେନ ଏବଂ ମାଛ ଧରିବା ମାଷ୍ଟରଙ୍କ ନାମ, ଜାତୀୟତା ଏବଂ ଯୋଗ୍ୟତା ।
- ମାଛଧରା ଯନ୍ତ୍ର ।
- ଧରିଥିବା ମାଛର ଉତ୍ପତ୍ତି, ପ୍ରଜାତି, ପ୍ରକାର ଏବଂ ପରିମାଣ ।
- ଆଞ୍ଚଳିକ ମତ୍ସ୍ୟ ସଂଗଠନ କିମ୍ବା ଆନ୍ତର୍ଜାତୀୟ ଚୁକ୍ତି ଦ୍ୱାରା ଆବଶ୍ୟକ ଅନ୍ୟାନ୍ୟ ସୂଚନା ।
- ସମୁଦାୟ ମତ୍ସ୍ୟ ବିକ୍ରୟ ଏବଂ ଜାହାଜ ରେ ଥିବା ମତ୍ସ୍ୟଭାର ପରିବର୍ତ୍ତିତ ବିବରଣୀ ।

ଯଦି ବନ୍ଦର ରେ ଥିବା ଏକ ଜାହାଜ ଆଇ ୟୁ ୟୁ ମତ୍ସ୍ୟବୃତ୍ତି ରେ ନିୟୋଜିତ ଅଛି ବୋଲି ବନ୍ଦର ଦେଶର ସନ୍ଦେହ ଆସେ, ତେବେ ବନ୍ଦର ଦେଶ:

- ଜାହାଜକୁ ଏହାର ବନ୍ଦରରେ ମତ୍ସ୍ୟ ବିକ୍ରୟ କରିବାକୁ କିମ୍ବା ମାଛ ପରିବହନ କରିବାକୁ ଅନୁମତି ନ ଦେବା ଉଚିତ ।

- ଫ୍ଲାଗ୍ ଦେଶକୁ ତୁରନ୍ତ ଏ ସମ୍ପର୍କରେ ଅବଗତ କରାଇବା ଉଚିତ ।
- ଯଦି ସନ୍ଦିଗ୍ଧ ଆଇ ୟୁ ୟୁ ମତ୍ସ୍ୟପୋତ ଗୁଡ଼ିକ ଅନ୍ୟ ଦେଶର ଜଳରାଶି କିମ୍ବା ଆଞ୍ଚଳିକ ମତ୍ସ୍ୟ ସଂଗଠନ ଦ୍ୱାରା ନିୟନ୍ତ୍ରିତ ଜଳରେ ଅବସ୍ଥାନ କରିଛନ୍ତି ତେବେ ତୁରନ୍ତ ସେହି ଦେଶ କିମ୍ବା ସଂଗଠନକୁ ଅବଗତ କରାଇବା ଉଚିତ ।

ଫ୍ଲାଗ୍ ଦେଶର ଅନୁରୋଧ କିମ୍ବା ଅନୁମତି କ୍ରମେ ଏକ ବନ୍ଦର ଦେଶ ସମ୍ପୃକ୍ତ ଜାହାଜ ଏବଂ ଏହାର ପରିଚାଳକଙ୍କ ବିରୁଦ୍ଧରେ ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି।



**"ବଜାର" ପଦକ୍ଷେପ**

ବିଗତ ଦଶନ୍ଧି ଗୁଡିକରେ ମତ୍ସ୍ୟ ସମ୍ପର୍କୀୟ ଆନ୍ତର୍ଜାତୀୟ ବାଣିଜ୍ୟ ନାଟକୀୟ ଢଙ୍ଗ ରେ ବୃଦ୍ଧି ପାଇଛି । ଆଇ ୟୁ ୟୁ ମତ୍ସ୍ୟବୃତ୍ତି ହେତୁ ଆନ୍ତର୍ଜାତୀୟ ସ୍ତରରେ କେତେ ମାଛ ବିକ୍ରି ହୋଇଛି ତାହା କେହି ଜାଣି ନାହାଁନ୍ତି । ତଥାପି, ଅଧିକ ଚାହିଦା ଥିବା ଅନେକ ମୂଲ୍ୟବାନ ମତ୍ସ୍ୟ ପ୍ରଜାତି, ଯଥା ଟୁନା ଏବଂ ସୋର୍ଡ ଫିସ ଇତ୍ୟାଦି ମାନଙ୍କୁ ଧରିବା ଆଇ ୟୁ ୟୁ ମତ୍ସ୍ୟଜୀବୀ ମାନଙ୍କର ଲକ୍ଷ ହୋଇଥାଏ ।

ଆଇ ୟୁ ୟୁ ମାଧ୍ୟମରେ ଧରାହୋଇଥିବା ମତ୍ସ୍ୟକୁ ଆନ୍ତର୍ଜାତୀୟ ବାଣିଜ୍ୟରେ ନିଷେଧ କରିବା ପାଇଁ କିଛି ସମବାୟ ପ୍ରୟାସ ଆଗରୁ ଚାଲିଛି । ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ବନ୍ଦ କରିବା ପାଇଁ ଆନ୍ତର୍ଜାତୀୟ ବାଣିଜ୍ୟକୁ ନିୟନ୍ତ୍ରଣ କରୁଥିବା ନିୟମ ସହିତ ସହମତି ଭିତ୍ତିକ ବଜାର ସମ୍ବନ୍ଧୀୟ ପଦକ୍ଷେପ ପ୍ରସ୍ତୁତ କରିବାକୁ ଆଇ ପି ଓ ଏ – ଆଇ ୟୁ ୟୁ ଦେଶଗୁଡ଼ିକୁ ଆହ୍ୱାନ ଦେଇଥାଏ । ଅନ୍ୟ ପ୍ରକାରର ମତ୍ସ୍ୟ ବାଣିଜ୍ୟରେ ଅନାବଶ୍ୟକ ପ୍ରତିବନ୍ଧକ ସୃଷ୍ଟି ନକରି ଆଇ ୟୁ ୟୁ ମାଧ୍ୟମରେ ଅମଳ ହୋଇଥିବା ମତ୍ସ୍ୟକୁ ରୋକିବାହିଁ ଏହାର ମୂଳ ଲକ୍ଷ ।

ବଜାର ସମ୍ବନ୍ଧୀୟ ପଦକ୍ଷେପଗୁଡିକ ବିଭିନ୍ନ ଦ୍ରବ୍ୟର ଆମଦାନୀ ଏବଂ ରପ୍ତାନି ଉପରେ ବିଭିନ୍ନ ପ୍ରକାରର ନିୟନ୍ତ୍ରଣକୁ ଅନ୍ତର୍ଭୁକ୍ତ କରେ, ଯଥା:

- ମାଛଧରିବା ପାଇଁ ପ୍ରମାଣପତ୍ର ଏବଂ ବାଣିଜ୍ୟ ସ୍ୱୀକୃତିପତ୍ର  ଏବଂ
- ଆମଦାନୀ ଏବଂ ରପ୍ତାନି ପ୍ରତିବନ୍ଧକ ଏବଂ ନିଷେଧନାମା ।

ବଜାର ସମ୍ବନ୍ଧୀୟ ପଦକ୍ଷେପ ଗୁଡ଼ିକର ସୃଷ୍ଟି ଏବଂ ବ୍ୟବହାର କରିବାରେ ସମନ୍ୱୟ ଆଣିବା ଆଞ୍ଚଳିକ ମତ୍ସ୍ୟସଂଗଠନ ଗୁଡ଼ିକର ପ୍ରାଥମିକ ଭୂମିକା ହୋଇଥାଏ ।



**ଆଞ୍ଚଳିକ ମତ୍ସ୍ୟସଂଗଠନ ଗୁଡିକର ଉପଯୋଗ**

ଆଇ ୟୁ ୟୁ  ମତ୍ସ୍ୟବୃତ୍ତିକୁ ବନ୍ଦ କରିବାରେ ଆଞ୍ଚଳିକ ମତ୍ସ୍ୟସଂଗଠନ ଗୁଡ଼ିକର ମୁଖ୍ୟ ଭୂମିକା ରହିଛି । ଆଇ ୟୁ ୟୁ ଦ୍ୱାରା ପ୍ରଭାବିତ ବିଶ୍ୱର ଅନେକ ବହୁମୂଲ୍ୟ ମତ୍ସ୍ୟଭଣ୍ଡାର, ଯାହାକି ଆଞ୍ଚଳିକ ମତ୍ସ୍ୟ ସଂଗଠନ ଦ୍ୱାରା ନିୟନ୍ତ୍ରିତ । ଆଇ ପି ଓ ଏ – ଆଇ ୟୁ ୟୁ କୁ  କାର୍ଯ୍ୟକାରୀ କରିବାର  ପ୍ରୟାସକୁ ପ୍ରୋତ୍ସାହିତ ଏବଂ ସମନ୍ୱିତ କରିବା  ଆଞ୍ଚଳିକ ମତ୍ସ୍ୟ ସଂଗଠନଗୁଡିକର  ଦାୟିତ୍ୱ ଅଟେ ।

ଆଞ୍ଚଳିକ ମତ୍ସ୍ୟ ସଂଗଠନଗୁଡିକର  କାର୍ଯ୍ୟକ୍ରମ  ହେଉଛି:

- ଆଇ ୟୁ ୟୁ  ମତ୍ସ୍ୟ ଉତ୍ପାଦନ ସମ୍ବନ୍ଧୀୟ ସୂଚନା ସଂଗ୍ରହ ଏବଂ ବିସ୍ତାର ।
- ଆଇ ୟୁ ୟୁ ମାଛ ଧରିବାରେ ନିୟୋଜିତ ଜାହାଜଗୁଡ଼ିକୁ ଚିହ୍ନଟ ଏବଂ ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ଗୁଡିକର ସମନ୍ୱୟ ।
- ଯେଉଁ ଦେଶଗୁଡିକର ମତ୍ସ୍ୟପୋତ ଗୁଡିକ ଆଇ ୟୁ ୟୁ  ମତ୍ସ୍ୟଉତ୍ପାଦନ ରେ ନିୟୋଜିତ ସେହି ଦେଶମାନଙ୍କର  ଚିହ୍ନଟ ଏବଂ ଏହିପରି ଆଚରଣ ସଂଶୋଧନ କରିବାକୁ ଅନୁରୋଧ କରିବା ।
- ସେହି ଅଞ୍ଚଳରେ  ନିୟୋଜିତ ଥିବା ଏବଂ ଜାତୀୟତା ଜଣା ନଥିବା  ମତ୍ସ୍ୟପୋତ  ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କର ସଦସ୍ୟ ମାନଙ୍କୁ ଆହ୍ୱାନ କରିବା ।
- ଜାହାଜର ଅଧିକାରପତ୍ର ବ୍ୟବସ୍ଥା ଯେପରି ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନକୁ ଆଗେଇ ନ ନିଏ ସେଥିପାଇଁ ନିୟମ ପ୍ରସ୍ତୁତ  କରିବା ।
- ବନ୍ଦରରେ  ଯାଞ୍ଚ ବ୍ୟବସ୍ଥା, ସମୁଦ୍ରରେ ଜାହାଜରେ ଥିବା ମତ୍ସ୍ୟଭାର ପରିବର୍ତ୍ତନ  ଉପରେ ପ୍ରତିବନ୍ଧକ ଏବଂ ସମ୍ପୃକ୍ତ ଅଞ୍ଚଳରେ ଅଣ-ସଦସ୍ୟ ଜାହାଜ ଦ୍ୱାରା ଅମଳ ହୋଇଥିବା ମାଛକୁ ସଦସ୍ୟଙ୍କ ବନ୍ଦରରେ  ବିକ୍ରୟ କରିବାକୁ ଦିଆଯିବା ଉଚିତ ନୁହେଁ ବୋଲି ଧାରଣା ସୃଷ୍ଟି କରାଇବା ।
- ମାଛ ଧରା ପ୍ରମାଣପତ୍ର କିମ୍ବା ବାଣିଜ୍ୟ ନଥିପତ୍ର  ଯୋଜନା  ପ୍ରସ୍ତୁତ କରିବା ।
- ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନର ମୁକାବିଲା କରିବା ପାଇଁ ଅନ୍ୟ ବଜାର ସମ୍ବନ୍ଧୀୟ ପଦକ୍ଷେପ ଗ୍ରହଣ କରିବା ।

**ବିକାଶଶୀଳ ଦେଶଗୁଡ଼ିକର ବିଶେଷ ଆବଶ୍ୟକତା**

ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନ ଦ୍ୱାରା ବିକାଶଶୀଳ ଦେଶଗୁଡିକ, ବିଶେଷକରି ଛୋଟ ଛୋଟ ବିକାଶଶୀଳ ଦ୍ୱୀପ ଏବଂ ଅନ୍ୟାନ୍ୟ ବିକାଶଶୀଳ ଉପକୂଳ ଦେଶଗୁଡିକ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ଅନେକ ବିକାଶଶୀଳ ଦେଶରେ ମାଛଧରା ନିୟମକୁ ଉଚିତ  ଭାବରେ ତଦାରଖ ଏବଂ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ଏବଂ ଭିତ୍ତିଭୂମିର  ଅଭାବ ଥାଏ ।

ଫଳସ୍ୱରୂପ, ଆଇ ୟୁ ୟୁ ମତ୍ସ୍ୟଜୀବୀମାନେ, ବିକାଶଶୀଳ ଦେଶମାନଙ୍କରେ ପଞ୍ଜୀକୃତ ଜାହାଜଗୁଡିକ (ଅନୁମତି ପତ୍ର  ବିନା ମାଛ ଧରିବା କିମ୍ବା ଅନୁମତି ପତ୍ର ପ୍ରତିବନ୍ଧକକୁ ଉଲ୍ଲଂଘନ କରିବା) ଏବଂ ଅନ୍ୟ ଦେଶରେ ପଞ୍ଜୀକୃତ ଜାହାଜଗୁଡିକ (ପ୍ରବେଶ ପ୍ରତିବନ୍ଧକକୁ ଉଲ୍ଲଂଘନ କରି ମାଛ ଧରିବା) ବିକାଶଶୀଳ ଦେଶର ସାମୁଦ୍ରିକ ଜଳରାଶିରେ ସେମାନଙ୍କର କାର୍ଯ୍ୟ ପରିଚାଳନା କରନ୍ତି ।

ଏଫ ଏ ଓ ଏବଂ ଆନୁସଙ୍ଗିକ ଆନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନର କୌଶଳ ଏବଂ ସହାୟତାରେ ବିକାଶଶୀଳ ଦେଶମାନଙ୍କର ଦକ୍ଷତା ବିକାଶ ପାଇଁ ଏବଂ ଆର୍ଥିକ, ବୈଷୟିକ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ ସମ୍ପର୍କରେ ବିଚାର କରିବାକୁ ଆଇ ପି ଓ ଏ – ଆଇ ୟୁ ୟୁ ଦେଶଗୁଡିକୁ ଆହ୍ୱାନ କରିଥାଏ । ଯାହାଫଳରେ ସେମାନେ ଆଇ ପି ଓ ଏ – ଆଇ ୟୁ ୟୁ ଅଧୀନରେ ସେମାନଙ୍କର ପ୍ରତିବଦ୍ଧତାକୁ ସାକାର କରିପାରିବେ । ନିମ୍ନରେ ଆଲୋଚିତ ହୋଇଥିବା ଜାତୀୟ କାର୍ଯ୍ୟ ଯୋଜନାଗୁଡିକର ବିକାଶ ଏବଂ କାର୍ଯ୍ୟକାରିତା ପାଇଁ ବିକାଶଶୀଳ ଦେଶମାନଙ୍କୁ ଏହିପରି ସହାୟତା ନିର୍ଦ୍ଦିଷ୍ଟ ଭାବରେ ଦିଆଯିବା ଉଚିତ ।

**ଜାତୀୟ କାର୍ଯ୍ୟ ଯୋଜନା**

ଆଇ ପି ଓ ଏ – ଆଇ ୟୁ ୟୁ ର ଲକ୍ଷ୍ୟ ହାସଲ କରିବାକୁ ଯଥାଶୀଘ୍ର (ମାର୍ଚ୍ଚ 2004 ପରେ ନୁହେଁ) ଜାତୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଏବଂ ଗ୍ରହଣ କରିବାକୁ ଆଇ ପି ଓ ଏ – ଆଇ ୟୁ ୟୁ ସମସ୍ତ ଦେଶକୁ ଆହ୍ୱାନ କରୁଅଛି । ଯେପରି ପୂର୍ବରୁ ସୂଚିତ କରାଯାଇଛି ଯେ ଆଇ ପି ଓ ଏ – ଆଇ ୟୁ ୟୁ ହେଉଛି ଏକ "ଉପକରଣ ବାକ୍ସ" - ଉପକରଣଗୁଡ଼ିକର ଏକ ସେଟ୍ ଯାହା ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନର ମୁକାବିଲା କରିବା ପାଇଁ ବିଭିନ୍ନ ପରିସ୍ଥିତିରେ ବ୍ୟବହାର ପାଇଁ ଉପଲବ୍ଧ । ଉପକରଣ ବାକ୍ସରେ ଥିବା ସମସ୍ତ ଉପକରଣ ପ୍ରତ୍ୟେକ ଦେଶର ବ୍ୟବହାର ପାଇଁ ଉପଯୁକ୍ତ ହେବ ନାହିଁ । ତଥାପି, ଯଥା ସମ୍ଭବ, ମତ୍ସ୍ୟବୃତ୍ତିରେ ପ୍ରତ୍ୟେକ ମୌଳିକ ଉପକରଣ କିପରି ବ୍ୟବହାର କରାଯାଇପାରିବ ଏକଥା ଏଥିରେ ସମ୍ପୃକ୍ତ ଥିବା ପ୍ରତ୍ୟେକ ଦେଶର ଜାତୀୟ କାର୍ଯ୍ୟ ଯୋଜନା ଅନ୍ତତଃପକ୍ଷେ ବିଚାର କରିବା ଉଚିତ ।

ଅତିକମରେ ପ୍ରତି ଚାରି ବର୍ଷରେ ଥରେ ଆଇ ପି ଓ ଏ – ଆଇ ୟୁ ୟୁ ଦେଶଗୁଡିକୁ ମଧ୍ୟ ସେମାନଙ୍କର ଜାତୀୟ କାର୍ଯ୍ୟ ଯୋଜନା ସମୀକ୍ଷା କରିବାକୁ ଓ ସେମାନଙ୍କ ଯୋଜନା ଏବଂ ଆଇ ପି ଓ ଏ – ଆଇ ୟୁ ୟୁ କୁ କାର୍ଯ୍ୟକାରୀ କରିବାକୁ ନେଇଥିବା ପଦକ୍ଷେପ ସମ୍ପର୍କରେ ଏଫ ଏ ଓ କୁ ବିବରଣୀ ଦେବାକୁ କହିଥାଏ ।

**ଏଫ ଏ ଓ ର କାର୍ଯ୍ୟ ପନ୍ଥା**

ଆଇ ପି ଓ ଏ – ଆଇ ୟୁ ୟୁ କୁ କାର୍ଯ୍ୟକାରୀ କରିବା ପାଇଁ ଏଫ ଏ ଓ ବୈଷୟିକ ସହାୟତା ପ୍ରଦାନ କରିଥାଏ ଏବଂ ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନ ପ୍ରସଙ୍ଗକୁ ସମୀକ୍ଷା ପାଇଁ ରଖେ । ଆଇ ପି ଓ ଏ – ଆଇ ୟୁ ୟୁ ର କାର୍ଯ୍ୟକାରିତା ର ଅଗ୍ରଗତି ବିଷୟରେ ଏଫ ଏ ଓ ପ୍ରତି ଦୁଇ ବର୍ଷରେ ଥରେ ସଭ୍ୟମାନଙ୍କୁ ଅବଗତ କରାଇଥାଏ । ଏହି ରିପୋର୍ଟଗୁଡିକ ଏହାର ସଦସ୍ୟମାନଙ୍କ ଦ୍ୱାରା ଏଫ ଏ ଓ କୁ ପ୍ରଦାନ କରାଯାଇଥିବା ସୂଚନା ଉପରେ ଆଧାରିତ ହୋଇଥାଏ ।

ଏହି ପୁସ୍ତକଟିରେ  ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ (ଆଇ ୟୁ ୟୁ) ମତ୍ସ୍ୟବୃତ୍ତିକୁ  ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ  ହେଉଥିବା ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା ଗୁଡିକର କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଅଣ-ଯାନ୍ତ୍ରିକ ପଦ୍ଧତିରେ ବର୍ଣ୍ଣନା  କରାଯାଇଅଛି । ଏହି ପୁସ୍ତକଟିର ଉଦ୍ଦେଶ୍ୟ ହେଉଛି ଏଫ ଏ ଓ ସଦସ୍ୟ ଏବଂ ଅନ୍ୟମାନଙ୍କୁ ଆଇ ୟୁ ୟୁ  ମତ୍ସ୍ୟବୃତ୍ତିକୁ ଏଡାଇବା ପାଇଁ ବ୍ୟବହୃତ ଉପକରଣ ସହିତ ପରିଚିତ କରାଇବାରେ ସାହାଯ୍ୟ କରିବା  ଓ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କେଉଁ ଉପକରଣର ପ୍ରଭାବଶାଳୀ ବ୍ୟବହାର କରାଯିବ ସେହି ସମ୍ବନ୍ଧରେ ମାର୍ଗ ଦର୍ଶନ କରିବା। ଏହି ପୁସ୍ତକଟି ଆଇ ୟୁ ୟୁ କାର୍ଯ୍ୟ ଯୋଜନାକୁ ବଦଳାଉ ନାହିଁ  କିନ୍ତୁ ମତ୍ସ୍ୟବୃତ୍ତିରେ ଥିବା ସମସ୍ତ ଉପଭୋକ୍ତାମାନଙ୍କ ନିମିତ୍ତ ଏହାକୁ  ଅଧିକ ସୁଗମ କରିବା ପାଇଁ କାର୍ଯ୍ୟ ଯୋଜନା ଅନ୍ତର୍ଭୁକ୍ତ  ଥିବା କେତେକ ଜଟିଳ ସୂଚନାକୁ ସରଳ  ରୂପରେ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରିଛି ।

